# ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜିଲ୍ଲା – ଜଗତସିଂହପୁର

ବିଜ୍ଞାପନ ପତ୍ର ସଂଖ୍ୟା - ୨୩୮୩ ତାରିଖ ୧୦.୧୦.୨୦୨୨

## ଲଘୁ ଖଣିଜ ଦ୍ରବ୍ୟ ନିଲାମ ନିମନ୍ତେ ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ତିର୍ତ୍ତୋଲ ତହସିଲ ଅଧିନରେ ଥିବା ନିମ୍ନ ପ୍ରଦତ୍ତ ୦୨ ଗୋଟି ( ଦୁଇ ଗୋଟି) ବାଲି ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଆଗାମୀ ପାଞ୍ଚ ବର୍ଷ ନିମନ୍ତେ (୨୦୨୨-୨୩ ରୁ ୨୦୨୬-୨୭) ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ସଂଶୋଧନ ଆଇନ-୨୦୧୪ ଏବଂ ସଂଶୋଧନ ଆଇନ-୨୦୧୬ ଅନୁଯାୟୀ ଫର୍ମ M ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ କାଗଜାତ୍ ନକଲ ସଲଗ୍ନ ପୂର୍ବକ ବନ୍ଦ ଲଫାପା ରେ ରେଜେଷ୍ଟି / ସ୍ପିଡ ପୋଷ୍ଟ ଯୋଗେ ସମ୍ପୃକ୍ତ ତହସିଲ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଆସନ୍ତା ତା ୦୪.୧୧.୨୦୨୨ ରିଖ ଅପରାହ୍ନ ୦୧.୦୦ ଘଟିକା ପର୍ଯ୍ୟନ୍ତ ଛୁଟି ଦିନ ବ୍ୟତୀତ ପକାଇପାରିବେ । ଟେଣ୍ଡର ବାକ୍ସ ସେହିଦିନ ଅର୍ଥାତ ତା ୦୪.୧୧.୨୦୨୨ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତି ରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ । ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଧାର୍ଯ୍ୟ ସମୟରେ ଯିଏ ଅନୁପସ୍ଥିତ ରହିବେ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଏହି ସୈରାତ ଉତ୍ସ ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଜିଲ୍ଲା website http:// Jagatsinghpur.nic.in ରେ ଉପଲବ୍ଧ ହେବ । ଯଦି ଉପରୋକ୍ତ ଦିବସରେ କୌଣସି କାରଣରୁ ନିଲାମ କାର୍ଯ୍ୟ ନ ହୁଏ, ତା ହେଲେ ପରବର୍ତ୍ତୀ ତାରିଖ ତା ୦୭.୧୧.୨୦୨୨ ରିଖ କିମ୍ବା ତା ୦୯.୧୧.୨୦୨୨ ରିଖ ରେ ନିଲାମ କାର୍ଯ୍ୟ ସମ୍ପାଦନ ହେବ ।

| କ୍ର. ନଂ. | ବାଲି ସୈରାତ ଉତ୍ସ ର ନାମ | ମୌଜା ର ନାମ | ଜମିର ତଫସିଲ | | | | Royalty (In Rs) | Minimum Additional Charges (In Rs) | Miimum Guaranteed Quantity (In Cum per year) | Ernest Money ( In Rs.) |
|---|---|---|---|---|---|---|---|---|---|---|
| | | | ଖାତା ନଂ | ପ୍ଲଟ ନଂ | ଏକର | ହେକ୍ଟର | | | | |
| 1. | ଅନୁପଲା ପାଇକାନଦୀ ବାଲି ସୈରାତ ଉତ୍ସ | ଅନୁପଲା | 288 | 455 | 12.35 | **5.00** | 35.00 | 300.00 | **14400** | 2,41,200.00 |
| 2. | ବିଳାଶପୁର ପାଇକାନଦୀ ବାଲି ସୈରାତ ଉତ୍ସ | ବିଳାଶପୁର | 289 | 1004 | 13.00 | 5.26 | 35.00 | 1007.00 | 15149 | **7,89,263.00** |

ତହସିଲଦାର, ତିର୍ତ୍ତୋଲ
୧୦.୧୦.୨୨

# ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ

ବିଜ୍ଞାପନ ପତ୍ର ସଂଖ୍ୟା    ୨୮୦୯        ତାରିଖ  ୧୦.୧୦.୨୦୨୨

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ ନିମନ୍ତେ ନିଲାମ ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜଗତସିଂହପୁର ଜିଲ୍ଲା ଅଧିନସ୍ଥ ତିର୍ତ୍ତୋଲ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଗୁଡିକ 2022-23 ରୁ 2026-27 ପାଞ୍ଚ ବର୍ଷ ନିମନ୍ତେ ତହସିଲଦାର ତିର୍ତ୍ତୋଲ ଙ୍କ ଦ୍ୱାରା ନିଲାମ କରାଯିବା ପାଇଁ ସ୍ଥିର କରାଯାଇଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ Odisha Minor Mineral Concession Rule,2016 ର Form-M ପୂରଣ କରି ଏହାର ତିନି ସେଟ ସହ ନିମ୍ନ ଲିଖିତ ଆବଶ୍ୟକ କାଗଜାତ୍ ସଂଲଗ୍ନ କରି ଜଉମୁଦ ଲଫାପାରେ ଆସନ୍ତା ତା **04.11.2022** ରିଖ ଅପରାହ୍ନ **1.00** (ଏକ) ଘଟିକା ସମୟ ମଧ୍ୟରେ ରେଜେଷ୍ଟ୍ରି / ସ୍ପୀଡ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର, ତିର୍ତ୍ତୋଲଙ୍କ କାର୍ଯ୍ୟାଳୟ ରେ ଥିବା Tender Box ରେ (ଛୁଟି ଦିନ ବ୍ୟତୀତ) ପକାଇପାରିବେ । ଦରଖାସ୍ତ ଦାଖଲ କଲାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ ସୈରାତ ଉତ୍ସର ନାମ ସଠିକ ରୂପେ ଲେଖିବାକୁ ପଡିବ । ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟା ରେ ଉପସ୍ଥିତ ରହିପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । Tender Box ସେହିଦିନ ଅର୍ଥାତ **04.11.2022** ରିଖ ଅପରାହ୍ନ **3.00** (ତିନି) ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ନିଲାମ ଚୂଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଉକ୍ତ ଦିନ ନିଲାମ ହୋଇ ନ ପାରିଲେ ଦ୍ୱିତୀୟ ଥର ପାଇଁ ତା **07.11.2022** ରିଖ ଓ ତୃତୀୟ ଥର ପାଇଁ ତା **09.11.2022** ରିଖ ଦିବା **11.00** ଘଟିକା ସମୟରେ ନିଲାମ କରାଯିବ ।

### ଦରଖାସ୍ତ ସହିତ ନିମ୍ନ ଲିଖିତ କାଗଜାତ୍ ଦାଖଲ କରିବା ବିଧେୟ

1. ଦରଖାସ୍ତ ଫିସ ବାବଦକୁ ଟ 1000.00 ( ଏକ ହଜାର) ଙ୍କା ଟ୍ରେଜରି ଚାଲାଣ ( non refundable) ଯାହାକି " 0853-Non-ferrous Mining and Metallurgical Industries-102-Mineral concession Fees, Rent and Royalties" head of account ରେ ଜମା କରାଯାଇଥିବ (In original ).

2. ଆବେଦନକାରୀ ଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ କୌଣସି ଦେୟ ବକେୟା ନ ଥିବା ସମ୍ବନ୍ଧୀୟ ଏକ ସତ୍ୟପାଠ । ( In original )

3. ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ବିଜ୍ଞପ୍ତି ନ଼ PT1-RDM-MMS-MEET-0002-2019-12160/R&DM ତା 19 APR 2022 ଅନୁଯାୟୀ ଆବେଦନକାରୀ ବିଗତ ବର୍ଷ ର ଆୟକର ରିଟର୍ଣ / Bank Guarantee ( ଯାହାକି ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବ ) ଯାହାର ମୂଲ୍ୟ ବାର୍ଷିକ ସର୍ବ ନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲିଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟର ମୂଲ୍ୟ ଠାରୁ କମ ହୋଇ ନ ଥିବ ଯଥା :- MGQ X ( Royalty +Additional Charge offered ).

4. ଆବେଦନକାରୀ Earnest Money ପାଇଁ Demand Draft ଯାହାର ମୂଲ୍ୟ, 5% of Minimum Guaranteed Quantity X ( Royalty + Additional Charge ) Tahasildar, Tirtol ଙ୍କ ନାମେ " Payble at UCO Bank, Baripada, Tirtol " ଆକାରରେ ପଇଠ କରିବେ ।

5. ଉପରୋକ୍ତ ଦଲିଲ ମଧ୍ୟରୁ ଯଦି କୌଣସି ଟି ରେ ତ୍ରୁଟି ତଥା ଦାଖଲ ନ କରିଥିବା ପରିଲକ୍ଷିତ / ଦୃଷ୍ଟି ଗୋଚର ହୁଏ, ତା ହେଲେ ସେହି ଦରଖାସ୍ତ କୁ ତୁରନ୍ତ ରଦ୍ଦ କରି ଦିଆଯିବ ।

## ସର୍ତ୍ତାବଳୀ

1. ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ OMMC (Ammendment) Rule, 2016 & 2017 ର ପରିସରଭୁକ୍ତ ରହିବେ ।
2. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ନିଲାମଧାରୀ ସମାନ ମୂଲ୍ୟ ପ୍ରଦାନ କରିଥିବେ, ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।
3. ଯୋଗ୍ୟ ଲିଜଧାରୀ ଙ୍କୁ ଲୀଜ ଚୁଡାନ୍ତ ହେବାର ସାତ ଦିନ ମଧ୍ୟରେ Form- F ମାଧ୍ୟମରେ ଲିଜ ଚୟନ ସମ୍ପର୍କ ରେ ଜଣାଇ ଦିଆଯିବ ଏବଂ ତାଙ୍କର ସହମତି ପନ୍ଦର ଦିନ ମଧ୍ୟରେ ତହସିଲଦାର ଙ୍କୁ ଲିଖିତ ଆକାରରେ ଜଣାଇବେ ।
4. ଲିଜଧାରୀ ସ୍ଥିରୀକୃତ ହୋଇଥିବା MGQ ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ପରିମାଣ ସହିତ ଲିଜଧାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋଚ ଅତିରିକ୍ତ ଦେୟ (Additional Charge ), ବାଲି ରୟାଲିଟି ନିମନ୍ତେ ଟ.35.00 per cum ଏବଂ ବାର୍ଷିକ MGQ ପାଇଁ ଧାର୍ଯ୍ୟ DMFF (District Mineral Foundation Fund) ରାଶିର 25% ( OMMC Rule, 2016 ର Rule-27(7) ଅନୁଯାୟୀ ପୂର୍ବରୁ ଦାଖଲ କରିଥିବା Earnest Money କୁ ବାଦ ଦେଇ ଏକତ୍ର କରି Security Money ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ବିନା ସୁଧରେ ( Interest Free) ରେ ରଖାଯିବ । ଅମାନତ ରାଶି :- MGQ X (Royalty+Additional Charge Offered ) + DMF i.e. @ 10% of Royalty ର 25%.
5. ଲିଜ ରେ ଭାଗ ନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ ରେ ଅଂଶ ଗ୍ରହଣ କରିବେ ।
6. ଲିଜ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

7. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

8. ବାଲି ପାଇଁ ସର୍ବ ନିମ୍ନ ରୟାଲଟି ମୂଲ୍ୟ ( Per CUM) ଟ. ୩୫/- ରହିବ ଏବଂ ଏହି ମୂଲ୍ୟରେ ଯଦି ସରକାର କୌଣସି ପରିବର୍ତ୍ତନ କରନ୍ତି , ତାହା ଦେବାକୁ ବାଧ୍ୟ ହେବେ ।

9. ସରକାରୀ Additional Charge ଧାର୍ଯ୍ୟ ଦର ଠାରୁ କମ ଦର ରେ ଦରଖାସ୍ତ କରିଥିବା କିମ୍ବା ଆବଶକୀୟ ଦଲିଲ ସଲଗ୍ନ କରି ନ ଥିବା ଦରଖାସ୍ତକାରୀଙ୍କର ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

10. ଲିଜ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଙ୍କୁ ଲିଜ ଦିଆଯିବ ।

11. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ଵାରା ଠିକ ହୋଇଥିବା Security ରାଶି Bidding ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ demand draft (DD) ଆକାରରେ ଜମା କରିବେ ।

12. ଲିଜଧାରୀ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା Mining Plan ବାବଦକୁ ମୂଲ୍ୟ ପଇଠ କରିବେ । ପୁନଶ୍ଚ ନିଜ ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରିବେଷ ମଞ୍ଜୁରୀ ( Environmental Clearance ) ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ହାସଲ କରିବା ସହିତ ଲିଜ ଚୁକ୍ତିନାମା (Lease deed) ସୂଚନା ଦିଆଯିବାର ୩ ସପ୍ତାହ ମଧ୍ୟରେ Form-N ରେ ସମ୍ପାଦନ କରିବେ, ଅନ୍ୟଥା ସୂଚନାଟିକୁ ରଦ୍ଦ କରାଯାଇ Security Deposit ବାଜ୍ୟାପ୍ତି କରାଯିବ ।

13 ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ଵିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀ ଙ୍କୁ ସୁଯୋଗ ଦିଆଯିବ ।

14 Mining Plan ଓ Environment Clearance ମଞ୍ଜୁରୀ ହେବାପରେ ଲିଜଧାରୀ, Royalty, Dead Rent, Surface Rent, Additional Charge, Contribution to the District Mineral Foundation Fund (DMFF) ଓ Contribution to the Environment Management Fund (EMF) ରାଶି ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ କଲାପରେ ଲିଜଧାରୀ ରେଜିଷ୍ଟ୍ରସନ ଆକ୍ଟ, ୧୯୦୮ ଓ ଷ୍ଟାମ୍ପ ଆକ୍ଟ ,୧୮୯୯ ଅନୁଯାୟୀ ଚୁକ୍ତିପତ୍ର ( Execution of Lease Deed) Form-N ରେ ନିଜ ଖର୍ଚ୍ଚ ରେ ସମ୍ପାଦନ କରିବେ ।

15 ଲିଜଧାରୀ ଜମା Royalty ର ୨ % ଆୟକର ବାବଦକୁ ଟ୍ରେଜେରୀ ଚାଲାଣ ଆକାରରେ ଜମା କରିବେ ।

16 ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା Surfacce Rent, Dead Rent and Royalty ଓ ଅନ୍ୟାନ୍ୟ ସରକାରୀ ଦେୟ ପଇଠ କରିବେ ।

17 ଲିଜଧାରୀ ଉପରୋକ୍ତ ଦେୟ ସହିତ District Mineral Foundation Fund (DMFF) ଏବଂ Environment Management Fund (EMF) ବାବଦ ଅର୍ଥ ରାଶି ବାର୍ଷିକ ଅଗ୍ରୀମ ଆକାରରେ ଦାଖଲ କରିବେ ।

18 ଲିଜଧାରୀ OMMC ( Ammendment) Rule,2016 ର ନିୟମ 33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।

19 ଲିଜଧାରୀ Mines ଆକ୍ଟ 1952 ଏବଂ Explosive Act. 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ହେବେ ।

20 ଲିଜଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ ( Consent to establish and consent to operate ) ଓଡିଶା ପ୍ରଦୂଷଣ ବୋର୍ଡ ରୁ ନିଜ ଖର୍ଚ ରେ ପ୍ରାପ୍ତ କରିବେ ।

21 ଲିଜଧାରୀ ସଇରାତ ଉତ୍ସ ର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ ଲିଜଧାରୀ ବହନ କରିବେ ।

22 ଲିଜଧାରୀ ଲଘୁ ଖଣିଜ ଦ୍ରବ୍ୟକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରି ପାରିବେ ନାହିଁ ।

23 ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସ ରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

24 ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସ ରେ ଦେଖିପାରିବେ ଏବଂ ଇସ୍ତିହାରର ସମସ୍ତ ବିବରଣୀ ଜିଲ୍ଲା web site http:// www.jagatsinghpur.nic.in ରେ ମଧ୍ୟ ଦେଖିପାରିବେ ।

25 ଲିଜଧାରୀ ଲିଜ ପ୍ରାପ୍ତ କରିଥିବା ସୈରାତ ଉତ୍ସରୁ ସମସ୍ତ ଲିଜ ପ୍ରକ୍ରିୟା ସମାପ୍ତ ହୋଇ କାର୍ଯାଦେଶ ନ ପାଇବା ପୂର୍ବରୁ ସମ୍ପୃକ୍ତ ଉତ୍ସ ରୁ ଲଘୁ ଖଣିଜ ଦ୍ରବ୍ୟ ଚୋରୀ ହେଲେ ଦାୟୀ ରହିବେ ।

26 ଯଦି ଉକ୍ତ ଇସ୍ତାହାରର କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା , କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

10.10.22

ତହସିଲଦାର, ତିର୍ତ୍ତୋଲ

ଜ୍ଞାପକ ସଂଖ୍ୟା ୨୮୧୦ ତାରିଖ ୧୦.୧୦.୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ଜଗତସିଂହପୁର / ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଜଗତସିଂହପୁର, / ଉପ ଜିଲ୍ଲାପାଳ, ଜଗତସିଂହପୁର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିର୍ତ୍ତୋଲ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

10/10/22

ତହସିଲଦାର, ତିର୍ତ୍ତୋଲ

ଜ୍ଞାପକ ସଂଖ୍ୟା ୨୮୧୧ ତାରିଖ ୧୦.୧୦.୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ଜଗତସିଂହପୁର **କାର୍ଯ୍ୟାଳୟର** ନୋଟିସ / ଉପଜିଲ୍ଲାପାଳ ଜଗତସିଂହପୁର **କାର୍ଯ୍ୟାଳୟର** ନୋଟିସ / ତିର୍ତ୍ତୋଲ ତହସିଲ **କାର୍ଯ୍ୟାଳୟର** ନୋଟିସ ବୋର୍ଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିର୍ତ୍ତୋଲ **କାର୍ଯ୍ୟାଳୟ** ର ନୋଟିସ ବୋର୍ଡ / ସମସ୍ତ ରାଜସ୍ୱ ନିରୀକ୍ଷକ ତିର୍ତ୍ତୋଲ **କାର୍ଯ୍ୟାଳୟର** ନୋଟିସ ବୋର୍ଡ/ସମ୍ପୃକ୍ତ ଗ୍ରାମ ପଞ୍ଚାୟତ **କାର୍ଯ୍ୟାଳୟର** ନୋଟିସ ବୋର୍ଡ/ଜନସାଧାରଣ ଙ୍କ ଅବଗତି ନିମନ୍ତେ ସମ୍ପୃକ୍ତ ରାଜସ୍ୱ ଗ୍ରାମରେ ଲଟକାଇବା ନିମନ୍ତେ ପ୍ରେରଣା କରାଗଲା ।

10/10/22

ତହସିଲଦାର, ତିର୍ତ୍ତୋଲ

# ଲଘୁ ଖଣିଜ ଉତ୍ସ ର ବିସ୍ତାରିତ ବିବରଣୀ

| କ୍ର. ନଂ. | ବାଲି ସୈରାତ ଉତ୍ସ ର ନାମ | ମୌଜା ର ନାମ | ଜମିର ତଫସିଲ | | | | Royalty (In Rs) | Minimum Additional Charges (In Rs) | Minimum Guaranteed Quantity (In Cum per year) | Ernest Money ( In Rs.) |
|---|---|---|---|---|---|---|---|---|---|---|
| | | | ଖାତା ନଂ | ପ୍ଲଟ ନଂ | ଏକର | ହେକ୍ଟର | | | | |
| 1. | ଅନୁପଲା ପାଇକାନଦୀ ବାଲି ସୈରାତ ଉତ୍ସ | ଅନୁପଲା | 288 | 455 | 12.35 | 5.00 | 35.00 | 300 .00 | 14400 | 2,41,200.00 |
| 2. | ବିଳାଶପୁର ପାଇକାନଦୀ ବାଲି ସୈରାତ ଉତ୍ସ | ବିଳାଶପୁର | 289 | 1004 | 13.00 | 5.26 | 35.00 | 1007.00 | 15149 | 7,89,263.00 |